ଭି. କେ. ଦୁବେ ଏବଂ ଅନ୍ୟାନ୍ୟ

ବନାମ

ଭାରତ ସଂଘ ଏବଂ ଅନ୍ୟାନ୍ୟ

ଏପ୍ରିଲ 7, 1997

[କେ. ରାମସ୍ୱାମୀ ଏବଂ ଡି. ପି. ୱାଧୱା ନ୍ୟାୟାଧୀଶଦ୍ୱୟ]

*ସେବା ଆଇନ ବରିଷ୍ଠତା - ରେଳବାଇର ନିର୍ଦ୍ଧାରଣ- ରେଳ ଇଞ୍ଜିନ ପରିଚାଳନାର ଡିଜେଲ୍ ପାର୍ଶ୍ୱରେ କାର୍ଯ୍ୟ କରୁଥିବା ଆବେଦନକାରୀମାନେ - ପରବର୍ତ୍ତୀ ସମୟରେ ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱରେ ଅନ୍ତର୍ଭୁକ୍ତ - ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱରେ ପୂର୍ବରୁ କାର୍ଯ୍ୟ କରୁଥିବା ଏବଂ ଡିଜେଲ୍ ରେଳ ଇଞ୍ଜିନ ପାର୍ଶ୍ୱରୁ ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱକୁ ସ୍ଥାନାନ୍ତରିତ ହୋଇଥିବା କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ବରିଷ୍ଠତାର ନିର୍ଦ୍ଧାରଣ -ଆବେଦନକାରୀମାନଙ୍କୁ ଯେହେତୁ ପ୍ରଥମ ଥର ପାଇଁ ବୈଦ୍ୟୁତିକ ପାର୍ଶ୍ୱରେ ନିୟୋଜିତ କରାଯାଇଥିଲା, ନ୍ୟାୟାଧିକରଣ ନିର୍ଣ୍ଣୟ ନେଲେ ଯେ, ବୈଦ୍ୟୁତିକ ରେଳ ଇଞ୍ଜିନ କାର୍ଯ୍ୟରେ ସେମାନଙ୍କର ନିୟୋଜିତ ତାରିଖରୁ ସେମାନଙ୍କର ବରିଷ୍ଠତା ବିଚାର କରାଯିବା ଆବଶ୍ୟକ ଥିଲା ଏବଂ ପାରସ୍ପରିକ ବରିଷ୍ଠତା ନିର୍ଣ୍ଣୟ ଉଦ୍ଦେଶ୍ୟରେ ପୂର୍ବ ସେବା ଗଣନା କରାଯାଇପାରିବ ନାହିଁ - ନ୍ୟାୟାଧିକରଣ ମଧ୍ୟ ଆବେଦନକାରୀଙ୍କ ଅର୍ଜିତ ଅଧିକାରକୁ ସୁରକ୍ଷା ଦେଉଛି - ନିର୍ଣ୍ଣୟ ହେଲା ଯେ ନ୍ୟାୟାଧିକରଣଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ତ୍ରୁଟି ନଥିଲା ।*

*ରମାକାନ୍ତ ଚତୁର୍ବେଦୀ ବନାମ ବିଭାଗୀୟ ଅଧୀକ୍ଷକ, ଉତ୍ତର ରେଳବାଇ,* **[1980] Supp. SCC 621 ଏବଂ** *ଦକ୍ଷିଣ ପୂର୍ବ ରେଳବାଇ ମୁଖ୍ୟ କାର୍ମିକ ଅଧିକାରୀ ଏବଂ ଅନ୍ୟାନ୍ୟ ବନାମ ରାମନାରାୟଣ ସିଂ ଏବଂ ଅନ୍ୟାନ୍ୟ ଇତ୍ୟାଦି, C.A. ସଂଖ୍ୟା 2530/81 ଏବଂ* **ଜୁଲାଇ 29, 1988 ରେ ସୁପ୍ରିମକୋର୍ଟ ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ସମୂହକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 2883/1997 ।

ଓ.ଏ.ସଂଖ୍ୟା 1024/1995ରେ ଆହ୍ଲାବାଦର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର 18.12.96 ତାରିଖର ବିଚାର ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ବିଜୟ ବହୁଗୁଣା, ଡି. କେ. ଗର୍ଗ ଏବଂ ସତପାଲ ସିଂ ।

ଉତ୍ତରଦାତାଙ୍କ ପାଇଁ ଯୋଗେଶ୍ୱର ପ୍ରସାଦ, ଶ୍ରୀମତୀ ରଚନା ଗୁପ୍ତା, ପି. କେ. ବଜାଜ ଏବଂ ପ୍ରଶାନ କୁମାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଆବେଦନ, ବିଶେଷ ଅନୁମତି ଦ୍ୱାରା, ଓ.ଏ. ସଂଖ୍ୟା 1024/1995ରେ ଆହ୍ଲାବାଦ ଖଣ୍ଡପୀଠର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର 18.12.96 ତାରିଖରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ଆବେଦନକାରୀମାନଙ୍କୁ ପ୍ରାରମ୍ଭରେ ରେଳ ଇଞ୍ଜିନ ଚାଳନାର ଡିଜେଲ ପାର୍ଶ୍ୱରେ ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ବୈଦ୍ୟୁତିକ ଇଞ୍ଜିନ ପ୍ରଚଳନ ପରେ ସେମାନଙ୍କୁ ତାଲିମ ଦିଆଯାଇଥିଲା ଏବଂ ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱରେ ନିୟୋଜିତ କରାଯାଇଥିଲା । ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱରେ ପୂର୍ବରୁ କାର୍ଯ୍ୟ କରୁଥିବା ଏବଂ ଡିଜେଲ ରେଳ ଇଞ୍ଜିନ

ପାର୍ଶ୍ୱରୁ ବୈଦ୍ୟୁତିକ ରେଳ ଇଞ୍ଜିନ ପାର୍ଶ୍ୱକୁ ସ୍ଥାନାନ୍ତରିତ ହୋଇଥିବା କର୍ମଚାରୀଙ୍କ ପାରସ୍ପାରିକ ବରିଷ୍ଠତାର ପ୍ରଶ୍ନ ଉଠିଥିଲା । ନ୍ୟାୟାଧିକରଣ ନିର୍ଣ୍ଣୟ ନେଲେ ଯେ ଯେହେତୁ ସେମାନଙ୍କୁ ପ୍ରଥମ ଥର ପାଇଁ ବୈଦ୍ୟୁତିକ ପାର୍ଶ୍ୱରେ ନିୟୋଜିତ କରାଯାଇଥିଲା, ତେଣୁ ବୈଦ୍ୟୁତିକ ରେଳ ଇଞ୍ଜିନ ପରିଚାଳନାରେ ସେମାନଙ୍କର ନିୟୋଜନ ତାରିଖ ଠାରୁ ସେମାନଙ୍କର ବରିଷ୍ଠତା ବିଚାର କରାଯିବା ଆବଶ୍ୟକ ଏବଂ ପାରସ୍ପାରିକ ବରିଷ୍ଠତା ନିର୍ଣ୍ଣୟ ଉଦ୍ଦେଶ୍ୟରେ ପୂର୍ବ ସେବାକୁ ଗଣନା କରାଯାଇପାରିବ ନାହିଁ । ଏହି ବିବାଦକୁ ଏହି ନ୍ୟାୟାଳୟ ଦ୍ୱାରା ରମାକାନ୍ତ ଚତୁର୍ବେଦୀ ବନାମ ବିଭାଗୀୟ ଅଧୀକ୍ଷକ, ଉତ୍ତର ରେଳବାଇ, [1980] Supp. SCC 621 ରେ ବିଚାର କରାଯାଇଥିଲା ଯେଉଁଠାରେ ଏହି ନ୍ୟାୟାଳୟ ନିମ୍ନମତେ ନିର୍ଣ୍ଣୟ କରିଥିଲେ :

> "ପୂର୍ବରୁ ଥିବା ଷ୍ଟିମ୍ ୟୁନିଟ୍ ବ୍ୟତୀତ ପ୍ରଥମ ଥର ପାଇଁ ରେଳବାଇର ଡିଜେଲ ୟୁନିଟ୍ ଗଠନ କରାଯାଇଥିଲା । ଏହି ଦୁଇଟି ୟୁନିଟକୁ ପୃଥକ ଏବଂ ଭିନ୍ନ ଭାବରେ ବିବେଚନା କରାଯାଇଥିଲା ଏବଂ ପଦୋନ୍ନତିର ବିଭିନ୍ନ ଉପାୟ ଥିଲା । ଡିଜେଲ୍ ସଫେଇ କର୍ମୀଙ୍କୁ ଡିଜେଲ୍ ୟୁନିଟ୍‌ରେ ସଣ୍ଟର୍ ଏବଂ ଚାଳକ ସହାୟକ ଭାବରେ ପଦୋନ୍ନତି ଦେବା ପୂର୍ବରୁ ଯଥେଷ୍ଟ ସମୟ ଅତିବାହିତ ହୋଇଯାଇପାରେ, ବାଷ୍ପ ଇଞ୍ଜିନ ପକ୍ଷରୁ ଅଗ୍ନିଶମ କର୍ମଚାରୀଙ୍କୁ ଆବଶ୍ୟକ ତାଲିମ ଦେବା ପରେ ଚାଳକ ସହାୟକ ଭାବରେ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ତାହା କରାଯାଇଥିଲା। ସମସ୍ତ ପ୍ରାରମ୍ଭିକ ନିଯୁକ୍ତି କାର୍ଯ୍ୟନିର୍ବାହୀ

ଆଧାରରେ କରାଯାଇଥିଲା ।**ନିଯୁକ୍ତିର** ଫଳସ୍ୱରୂପ, କିଛି ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'C' (ଆବେଦନକାରୀ), ଯେଉଁମାନେ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'B' ଏବଂ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'A' ଅପେକ୍ଷା ନିମ୍ନ ବର୍ଗର ଥିଲେ କିନ୍ତୁ ଯେଉଁମାନଙ୍କ ପାଖରେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଥିଲା ଯାହା ଅନେକ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'A; ଏବଂ 'B'ଙ୍କ ପାଖରେ ନଥିଲା, ସେମାନଙ୍କୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ କରୁଥିବା ନିୟମର କୋହଳତା ଫଳରେ ପରେ ଆସିଥିବା କିଛି ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'A' ଏବଂ 'B'ଙ୍କ ଅପେକ୍ଷା ପୂର୍ବରୁ ଡିଜେଲ ବିଭାଗରେ ନିଯୁକ୍ତି ଦିଆଯାଇଥିଲା ।ରେଳ ପ୍ରଶାସନ ନିର୍ଦ୍ଦେଶ ଜାରି କରିଥିଲା ଯେ ବରିଷ୍ଠ କର୍ମଚାରୀମାନଙ୍କୁ ସାମୟିକ ଭାବେ ପଦାସୀନ କରିବା ପାଇଁ ଡିଜେଲ ଚାଳକ ସହାୟକ ଭାବରେ କାର୍ଯ୍ୟ କରୁଥିବା ସର୍ବକନିଷ୍ଠ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'C' କୁ ଫେରାଇ ନିଆଯିବା ଉଚିତ । ଏହି ନିର୍ଦ୍ଦେଶ ଅନୁଯାୟୀ, ଆବେଦନକାରୀମାନେ, ଯେଉଁମାନେ ସମସ୍ତେ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'C' ବର୍ଗରୁ ଆସିଥିଲେ ଏବଂ ଯେଉଁମାନେ କାର୍ଯ୍ୟନିର୍ବାହୀ ଚାଳକ ସହାୟକ ଭାବରେ ନିଯୁକ୍ତ ହୋଇଥିଲେ, ଯାହା ଦ୍ୱାରା ଡିଜେଲ ପାର୍ଶ୍ୱରେ  ଚାଳକ ସହାୟକ ଭାବରେ ନିଯୁକ୍ତ ହେବାର ବହୁ ସମୟ ପରେ ଡିଜେଲ ପାର୍ଶ୍ୱରେ ଚାଳକ ସହାୟକ ଭାବରେ ନିଯୁକ୍ତ ହୋଇଥିବା ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'A' ଏବଂ 'B' ପାଇଁ ସ୍ଥାନ ପ୍ରସ୍ତୁତ କରିବା ପାଇଁ  ସେମାନଙ୍କୁ ବାଷ୍ପ ଇଞ୍ଜିନ ପାର୍ଶ୍ୱକୁ ଅଗ୍ନିଶମ କର୍ମଚାରୀ ଗ୍ରେଡ୍ 'C'  ଭାବରେ ଫେରାଇ ଦିଆଯାଇଥିଲା । ନିର୍ଣ୍ଣୟ ପାଇଁ ପ୍ରଶ୍ନଗୁଡିକ ଥିଲା ଯେ ପୂର୍ବ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନେ ପରବର୍ତ୍ତୀ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ତୁଳନାରେ ବରିଷ୍ଠତା ଦାବି କରିପାରିବେ କି ଏବଂ  ଆବେଦନକାରୀଙ୍କୁ ପୁରୁଣା ବିଭାଗକୁ ଫେରାଇ ଆଣିବାରେ ରେଳ ପ୍ରଶାସନ ନ୍ୟାୟସଙ୍ଗତ ଥିଲା କି ?ଆବେଦନକୁ ଅନୁମତି ଦେଇ ସର୍ବୋଚ୍ଚ ନ୍ୟାୟାଳୟ ।

ନିର୍ଣ୍ଣୟ ହେଲା ଯେ :

ପୂର୍ବରୁ ଯେଉଁମାନଙ୍କୁ ଡିଜେଲ ବିଭାଗରେ ନିଯୁକ୍ତି ପାଇଥିଲେ ସେମାନେ କେବଳ ନିଯୁକ୍ତିଗୁଡ଼ିକ କାର୍ଯ୍ୟନିର୍ବାହୀ ଆଧାରରେ ଏବଂ ସେମାନଙ୍କଠାରୁ ବରିଷ୍ଠ ଷ୍ଟିମ୍ ପାର୍ଶ୍ୱରେ ଆସିଥିବା କିମ୍ବା ପରବର୍ତ୍ତୀ ପର୍ଯ୍ୟାୟରେ ଆସିବାକୁ ବାଛିଥିବାରୁ ଡିଜେଲ ବିଭାଗରେ ସେମାନଙ୍କର ନିରନ୍ତର ସେବାର ସୁବିଧା ହରାଇବେ ନାହିଁ । ଯଦି ଷ୍ଟିମ୍ ପାର୍ଶ୍ୱରେ ଥିବା ବରିଷ୍ଠ ବ୍ୟକ୍ତିମାନେ ପୂର୍ବରୁ ଆସି ନଥିଲେ, ତେବେ ଏହାର କାରଣ ଥିଲା ଯେ ସେମାନଙ୍କୁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର

ଆବଶ୍ୟକତା ଦ୍ୱାରା ଆସିବାରୁ ବାରଣ କରାଯାଇଥିଲା । ପରବର୍ତ୍ତୀ ନିୟମର ଶିଥିଳତା ସେମାନଙ୍କୁ ପୂର୍ବରୁ ଡିଜେଲ ପାର୍ଶ୍ୱରେ ଆସିଥିବା ଲୋକଙ୍କ ମୁଣ୍ଡ ଉପରେ 'ବେଙ୍ଗ ଡେଇଁବା' ପାଇଁ ସକ୍ଷମ କରିପାରିବ ନାହିଁ । ଯେତେବେଳେ ସେମାନେ ବିଭିନ୍ନ ଦିନରେ ଡିଜେଲ ପାର୍ଶ୍ୱରେ ନିଯୁକ୍ତି ସମୟରେ ଡିଜେଲ ପାର୍ଶ୍ୱରେ ବରିଷ୍ଠତା ନିର୍ଣ୍ଣୟ କରିବାରେ ଷ୍ଟିମ୍ ପାର୍ଶ୍ୱର ବରିଷ୍ଠତାର କୌଣସି ପ୍ରାସଙ୍ଗିକତା ନାହିଁ । "

ଏଥିରେ ଅନୁପାତକୁ ଦକ୍ଷିଣ ପୂର୍ବ ରେଳବାଇରେ ଏହି ନ୍ୟାୟାଳୟର ଅନ୍ୟ ଏକ ଖଣ୍ଡପୀଠ ଦ୍ୱାରା ମୁଖ୍ୟ *କାର୍ମିକ ଅଧିକାରୀ ଏବଂ ଅନ୍ୟାନ୍ୟ ବନାମ ରାମନାରାୟଣ ସିଂ ଏବଂ ଅନ୍ୟାନ୍ୟ ଇତ୍ୟାଦି (C.A. ସଂଖ୍ୟା 2530/81), ଏବଂ* ସମୂହକୁ ତାରିଖ 29 ଜୁଲାଇ, 1988ର ମାଧ୍ୟମରେ ଅନୁସରଣ କରାଯାଇଥିଲା ।

ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ବିଜୟ ବହୁଗୁଣା ଯୁକ୍ତି ଦର୍ଶାଇଛନ୍ତି ଯେ ସେମାନେ ଦୀର୍ଘ ବର୍ଷ ଧରି ଡିଜେଲ୍ ପାର୍ଶ୍ୱରେ କାର୍ଯ୍ୟ କରିଆସୁଥିଲେ, କେବଳ ବୈଦ୍ୟୁତିକ ରେଳ ଇଞ୍ଜିନ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ସେମାନଙ୍କୁ ତିନି ମାସ ପାଇଁ ତାଲିମ ପାଇଁ ପଠାଯାଇଥିଲା, ତେଣୁ ନୀତିରେ ପରିବର୍ତ୍ତନ ଯୋଗୁଁ ସେମାନଙ୍କର ପୂର୍ବ ସେବାର ସମ୍ପୂର୍ଣ୍ଣ ଅବଧି କ୍ଷତିଗ୍ରସ୍ତ ହୋଇପାରିବ ନାହିଁ ଯାହା ସେମାନଙ୍କର ସେବାର ଅବଧି ଏବଂ ପଦୋନ୍ନତି ମାର୍ଗକୁ କ୍ଷତି ପହଞ୍ଚାଇଥାଏ । ତେଣୁ, ଏହି ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତକୁ ପୁନର୍ବିଚାର କରିବାର ଆବଶ୍ୟକତା ରହିଛି । ଆମେ ଏହି ଯୁକ୍ତିରେ କୌଣସି ଯଥାର୍ଥତା ପାଉନାହୁଁ । ଏହା ଦେଖାଯାଏ ଯେ ଡିଜେଲ୍ ଇଞ୍ଜିନ୍ ଚାଳକ ଏବଂ ସେମାନଙ୍କ ସହିତ କାମ କରୁଥିବା କର୍ମଚାରୀମାନେ ଗୋଟିଏ କ୍ଷେତ୍ରରେ କାର୍ଯ୍ୟ କରନ୍ତି, ଯଥା, ଡିଜେଲ୍ ରେଳ ଇଞ୍ଜିନ କ୍ଷେତ୍ରରେ, ଯେତେବେଳେ ବୈଦ୍ୟୁତିକ ଇଞ୍ଜିନ୍ ଚାଳକ ଏବଂ ବୈଦ୍ୟୁତିକ ଇଞ୍ଜିନ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଏକ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରନ୍ତି । ଡିଜେଲ୍ ଇଞ୍ଜିନ୍‌ଗୁଡ଼ିକର କ୍ରମିକ ସ୍ଥାନାନ୍ତରଣ ପରେ, ସେମାନଙ୍କୁ ସେବାରୁ ଛଟେଇ କରିବା ପରିବର୍ତ୍ତେ ବୈଦ୍ୟୁତିକ ଶକ୍ତିରେ ପରିଚାଳନା କରୁଥିବା ଟ୍ରେନରେ ଆବଶ୍ୟକ ତାଲିମ ଦେଇ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପ୍ରୟାସ କରାଯାଇଥିଲା । ଫଳସ୍ୱରୂପ, ସେମାନଙ୍କୁ ଏକ ନୂତନ ସୋପାନକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ପରିସ୍ଥିତିରେ, ସେମାନଙ୍କର ବୈଦ୍ୟୁତିକ ପଦବୀରେ କୌଣସି ଅଧିକାର ରହିବ ନାହିଁ କିମ୍ବା ସେମାନେ ବୈଦ୍ୟୁତିକ ରେଳ ଇଞ୍ଜିନ କ୍ଷତିରେ ନିୟମିତ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ ବରିଷ୍ଠତା ପାଇବାକୁ ହକଦାର ହେବେ ନାହିଁ । ଏହି ପରିସ୍ଥିତିରେ, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଲେ ଯେ ସେମାନଙ୍କର ସେମାନଙ୍କ ଉପରେ ବରିଷ୍ଠତା

ରହିପାରିବ ନାହିଁ । ତଥାପି, ନ୍ୟାୟାଧିକରଣ ଏହି ଆକ୍ଷେପିତ ଆଦେଶରେ ସେମାନଙ୍କୁ ପୂର୍ବରୁ ପ୍ରାପ୍ତ ଅଧିକାରଗୁଡ଼ିକୁ ଭଲ ଭାବରେ ସୁରକ୍ଷିତ ରଖିଛନ୍ତି :

> "ବିଭାଗୀୟ ପ୍ରତିନିଧିଙ୍କ ଦ୍ୱାରା ଆମକୁ ସୂଚନା ଦିଆଯାଇଛି ଯେ ବରିଷ୍ଠତାର ଏହିପରି ପୁନଃନିର୍ଦ୍ଧାରଣ ଉପରେ, ବୈଦ୍ୟୁତିକ କ୍ଷେତ୍ରରେ ଅନେକ ପଦକ୍ଷେପ ପୂର୍ବରୁ ଆଗକୁ ବଢ଼ିଥିବା ବହୁ ସଂଖ୍ୟକ ପରିବର୍ତ୍ତନକାରୀ ବ୍ୟକ୍ତି ପ୍ରତ୍ୟାବର୍ତ୍ତନର ସମ୍ମୁଖୀନ ହେବେ ଯାହା ଫଳରେ କେବଳ ଏପରି ବ୍ୟକ୍ତିଙ୍କୁ କଷ୍ଟ ହେବ ନାହିଁ ବରଂ ରେଳ ଇଞ୍ଜିନ ଚଲାଇବାରେ ମଧ୍ୟ କାର୍ଯ୍ୟକ୍ଷମ ସମସ୍ୟା ସୃଷ୍ଟି ହେବ । ତେଣୁ, ଆମେ ବ୍ୟବସ୍ଥା କରୁଛୁ ଯେ ବରିଷ୍ଠତାର ଏହିପରି ପୁନଃନିର୍ଦ୍ଧାରଣ ଉପରେ, ଯେଉଁ ବ୍ୟକ୍ତିମାନଙ୍କୁ ପୂର୍ବରୁ ବୈଦ୍ୟୁତିକ କ୍ଷେତ୍ରରେ ଉଚ୍ଚତର ଶ୍ରେଣୀକୁ ପଦୋନ୍ନତି ଦିଆଯାଇଛି, ସେମାନଙ୍କୁ ପୁନର୍ବାର ଫେରାଇ ନିଆଯିବ ନାହିଁ ବରଂ ସେମାନଙ୍କର ପରବର୍ତ୍ତୀ ଉଚ୍ଚ ଶ୍ରେଣୀକୁ ପଦୋନ୍ନତି ଏପରି ପୁନଃନିର୍ଦ୍ଧାରିତ ବରିଷ୍ଠତା ଉପରେ ନିର୍ଭର କରିବ । ତଥାପି, ବରିଷ୍ଠତାର ଉପରୋକ୍ତ ନୀତିର ଉଲ୍ଲଂଘନ କରି, ଉତ୍ତରଦାତାଙ୍କ ଦ୍ୱାରା ବୈଦ୍ୟୁତିକ କ୍ଷେତ୍ରରେ ଆଉ କୌଣସି ପଦୋନ୍ନତି କରାଯିବ ନାହିଁ ।"

ଉପରୋକ୍ତ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଅର୍ଜିତ ଅଧିକାରଗୁଡ଼ିକ ଆବେଦନକାରୀଙ୍କ ଦ୍ୱାରା ସୁରକ୍ଷିତ ଏବଂ ଉପଭୋଗ କରାଯାଉଛି । ତେଣୁ, ନ୍ୟାୟାଧିକରଣଙ୍କ ଆଦେଶରେ ଆବେଦନକାରୀଙ୍କ ଦ୍ୱାରା ପୂର୍ବରୁ ଥିବା ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଥାପି, ଭବିଷ୍ୟତର ପଦୋନ୍ନତି ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇପାରୁଥିବା ପାରସ୍ପରିକ ବରିଷ୍ଠତା ଉପରେ ନିର୍ଭର କରେ । ତେଣୁ ଆମେ ନ୍ୟାୟାଧିକରଣଙ୍କ ଦ୍ୱାରା ହସ୍ତକ୍ଷେପ ପାଇଁ ପାରିତ ଆଦେଶରେ କୌଣସି ତ୍ରୁଟି ପାଉନାହୁଁ ।

ତଦନୁଯାୟୀ ଆବେଦନକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।